# କୋଭିଡ଼- ୧୯ ପ୍ରତିରୋଧକ - ପ୍ରତିପିଣ୍ଡର କ୍ଷିପ୍ର ପରୀକ୍ଷଣ ସମ୍ପର୍କିତ କିଛି ସାଧାରଣ ପ୍ରଶ୍ନର ଉତ୍ତର[୧]

*ଶ୍ରୀଜିତ୍ ମିଶ୍ର, ଭାସ୍ୱତୀ ପଟ୍ଟନାୟକ, ନବନୀତା ରଥ*[୨]

*୨୩ ଏପ୍ରିଲ୍ ୨୦୨୦*

ସଂକ୍ଷିପ୍ତ ଲେଖା: ଏହି ନୀତିପତ୍ରଟି କୋଭିଡ଼-୧୯ ପ୍ରତିରୋଧକ-ପ୍ରତିପିଣ୍ଡର କ୍ଷିପ୍ର ପରୀକ୍ଷଣ ସମ୍ପର୍କିତ କିଛି ସାଧାରଣ ପ୍ରଶ୍ନର ଉତ୍ତର ଦେଇଅଛି। ଏହା କୋଭିଡ-୧୯ ର ବ୍ୟାପକତା ଉପରେ ସତର୍କ ନଜର ରଖିବାରେ ସାହାଯ୍ୟ କରିଥାଏ ।ପ୍ରତିରୋଧକ-ପ୍ରତିପିଣ୍ଡଧାରୀ ବ୍ୟକ୍ତିଙ୍କର ରକ୍ତକଣିକାରୁ କୋଭିଡ଼-୧୯ର ଚିକିତ୍ସା ପାଇଁ ଅଦ୍ୟାବଧି ଗବେଷଣା ସାପେକ୍ଷ। ଏହି ପରୀକ୍ଷାରୁ କୋଭିଡ଼-୧୯ ରୋଗ ଚିହ୍ନଟ କରି ହେବ ନାହିଁ।

ପ୍ରାରମ୍ଭ:
ଭୁବନେଶ୍ୱରରେ ୧୮ ଏପ୍ରିଲ ୨୦୨୦ ଠାରୁ କୋଭିଡ଼-୧୯ ସମ୍ବନ୍ଧିୟ ଏକ ସେରୋଲୋଜିକାଲ ଆଣ୍ଟିବଡ଼ି ପରୀକ୍ଷା ଆରମ୍ଭ କରା ଯାଇଅଛି। ଏହି ନୀତିପତ୍ରଟିରେ ଏହି ପରୀକ୍ଷଣ ସମ୍ପର୍କିତ କିଛି ସାଧାରଣ ପ୍ରଶ୍ନର ଉତ୍ତର ଦିଆ ଯାଇଅଛି।

ପ୍ରଶ୍ନ ୧.କୋଭିଡ-୧୯ କଣ?
ଉତ୍ତର: ସାର୍ସ-କୋଭ- ୨ ନାମକ ଭୂତାଣୁ ଦ୍ୱାରା ୨୦୧୯ ଠାରୁ ବ୍ୟାପୁଥିବା କରୋନା ଭାଇରସ ରୋଗକୁ ସଂକ୍ଷେପରେ କୋଭିଡ଼- ୧୯ କୁହାଯାଉଛି ।

ପ୍ରଶ୍ନ ୨. ସାର୍ସ-କୋଭ- ୨ କଣ?
ଉତ୍ତର: ସିଭିଅର ଆକ୍ୟୁଟ ରେସ୍ପିରେଟରି ସିଣ୍ଡ୍ରୋମ ବା ଗୁରୁତର ଶ୍ୱାସଜନିତ ସଂକ୍ରମଣ କରୋନା ଭାଇରସ – ୨ ନାମକ ଭୂତାଣୁର ଏହା ସଂକ୍ଷିପ୍ତ ବ୍ୟବହାରିକ ଲେଖ ।

ପ୍ରଶ୍ନ ୩. କୋଭିଡ-୧୯ ପାଇଁ କରାଯାଉଥିବା ସେରୋଲୋଜିକାଲ ଆଣ୍ଟିବଡ଼ି ପରୀକ୍ଷା କଣ ?
ଉତ୍ତର: ଶିରାରୁ ନିଆଯାଉଥିବା ରକ୍ତକୁ ପରୀକ୍ଷା କରିବା ଦ୍ୱାରା ଜଣାପଡ଼େ ଯେ ସେ ଲୋକଟିର ଦେହରେ ପ୍ରତିପିଣ୍ଡ ବା କରୋନା ଭୂତାଣୁକୁ ପ୍ରତିରୋଧ କରିବା ଭଳି କଣିକା ସୃଷ୍ଟି ହୋଇଛି କି ନାହିଁ. ।

ପ୍ରଶ୍ନ ୪ . ସେରୋଲୋଜିକାଲ ଆଣ୍ଟିବଡ଼ି ପରୀକ୍ଷାର ଫଳାଫଳ ଆସିବାକୁ କେତେ ସମୟ ଲାଗେ ?
ଉତ୍ତର: ମାତ୍ର ୧୫ ରୁ ୩୦ ମିନିଟ ମଧ୍ୟରେ ଫଳାଫଳ ଜଣାପଡିଯାଏ । ଏହା ଏକ କ୍ଷିପ୍ର ରୋଗ ନିର୍ଣ୍ଣୟ ପରୀକ୍ଷା ।

---

[୧] ଏହି ଲେଖା ଟି ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରର ନୀତିପତ୍ର ୧୭କ (17a) ଓ ଏହା ଇଂରାଜୀ ନୀତିପତ୍ର ୧୭ (NCDS Policy Brief 17, COVID-19: FAQs on Serological Antibody Test for SARS COV-2 in Bhubaneswar, Odisha, India) ର ଓଡ଼ିଆ ସଂସ୍କରଣ।

[୨] ଶ୍ରୀଜିତ୍ ମିଶ୍ର ହେଉଛନ୍ତି ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଏବଂ ଇନ୍ଦିରା ଗାନ୍ଧୀ ଉନ୍ନୟନ ଅନୁସନ୍ଧାନ ଅନୁଷ୍ଠାନ, ମୁମ୍ବାଇର ପ୍ରଫେସର । ଭାସ୍ୱତୀ ପଟ୍ଟନାୟକ ହେଉଛନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ମନୋବିଜ୍ଞାନ ବିଭାଗର ପ୍ରଫେସର ତଥା ମୁଖ୍ୟ। ନବନୀତା ରଥ ହେଉଛନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ସମାଜବିଜ୍ଞାନ ବିଭାଗର ପ୍ରଫେସର, ତଥା ସ୍କୁଲ ଅଫ ୱିମେନ୍ସ ଷ୍ଟଡ଼ିଜ୍ ର ନିର୍ଦ୍ଦେଶିକା।

**ପ୍ରଶ୍ନ୫. କେଉଁମାନଙ୍କ ପାଖରେ କୋଭିଡ଼- ୧୯ ପ୍ରତିରୋଧକ – ପ୍ରତିପିଣ୍ଡ ବା ଆଣ୍ଟିବଡ଼ି ଥିବା ସମ୍ଭବ ?**
**ଉତ୍ତର:** ଯେଉଁମାନେ ସାର୍ସ-କୋଭ- ୨ ନାମକ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ କୋଭିଡ-୧ ୯ ରେ ଆକ୍ରାନ୍ତ ହୋଇଥାନ୍ତି , ସେମାନଙ୍କ ଶରୀରରେ ପ୍ରତିପିଣ୍ଡ ବା ଆଣ୍ଟିବଡ଼ି ତିଆରି ହୋଇଥିବା ସମ୍ଭବପର ।

**ପ୍ରଶ୍ନ ୬. କୋଭିଡ-୧ ୯ ରେ ଆକ୍ରାନ୍ତ ଭାବରେ ଚିହ୍ନଟ ହୋଇନଥିବା ଲୋକମାନଙ୍କ କ୍ଷେତ୍ରରେ ଏଭଳି ରକ୍ତ ପରୀକ୍ଷାର ଆବଶ୍ୟକତା କଣ ?**
**ଉତ୍ତର:** କିଛି ଲୋକ କୋଭିଡ-୧ ୯ ରେ ଆକ୍ରାନ୍ତ ହୋଇଥିଲେ ମଧ୍ୟ ସେମାନଙ୍କଠାରେ ରୋଗର ଲକ୍ଷଣ ଦେଖାଯାଇନଥାଏ ଅଥବା ସେମାନେ ଉପଯୁକ୍ତ ଚିକିତ୍ସା କରାଇନଥାଇ ପାରନ୍ତି । ସେଥିପାଇଁ ଏ ପରୀକ୍ଷଣ ରୋଗର ପୂର୍ବ ସୂଚନା ନଥିବା ଜନସମୁଦାୟଙ୍କ ନିମନ୍ତେ କରାଯାଏ ।

**ପ୍ରଶ୍ନ ୭. ପ୍ରାଥମିକ ଭାବେ ଏହି ପରୀକ୍ଷଣ ଆମ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା / ଅଞ୍ଚଳରେ କରାନଯାଇ କେବଳ ଭୁବନେଶ୍ୱରରେ କାହିଁକି କରାଯାଇଛି ?**
**ଉତ୍ତର:** ଯେହେତୁ ଭୁବନେଶ୍ୱରରେ ରାଜ୍ୟର ସବୁଠୁ ଅଧିକ ସଂଖ୍ୟକ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି, ଭୁବନେଶ୍ୱରକୁ 'ହଟ ସ୍ପଟ' ଭାବେ ଚିହ୍ନଟ କରାଯାଇଛି । ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳକୁ ଏହା ବ୍ୟାପିଯିବାର ଅଧିକ ସମ୍ଭାବନା ଥିବାରୁ ଏଠାରେ ପରୀକ୍ଷଣ ଆରମ୍ଭ କରାଯାଇଛି ।

**ପ୍ରଶ୍ନ ୮. ଏପରି ସାମୁହିକ ପରୀକ୍ଷଣର ଉଦ୍ଦେଶ୍ୟ କଣ ?**
**ଉତ୍ତର:** କୋଭିଡ-୧ ୯ ର ବ୍ୟାପକତା ଉପରେ ସତର୍କ ନଜର ରଖିବାରେ ଏଭଳି ପରୀକ୍ଷଣ ସାହାଯ୍ୟ କରିଥାଏ । ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବିଭିନ୍ନ ବର୍ଗର କେତେ ସଂଖ୍ୟକ ଜନସାଧାରଣ କୋଭିଡ-୧ ୯ ରେ ଆକ୍ରାନ୍ତ, ତାହାର ଆକଳନ କରିବା ସହଜ ହୁଏ । ସଂକ୍ରମଣ ପରେ ଚିକିତ୍ସାଧୀନ ଥିବା ରୋଗୀମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିବିଶେଷ, ପରିବାର, ସମ୍ପର୍କୀୟ, ସଂକ୍ରମଣ ନିୟନ୍ତ୍ରଣ ନିମନ୍ତେ ଅବରୋଧ ଅଞ୍ଚଳରେ ସହାୟକ ଭୂମିକା ତୁଲାଉଥିବା ଦୋକାନୀ (କ୍ଷୀର, ସଉଦା,ପରିବା, ଫଳ ଆଦି ), ପୁଲିସ ଓ ଡାକ୍ତରୀ ଦଳ , ଘରକୁ ଫେରି ନପାରି ଅସ୍ଥାୟୀ ଶିବିରରେ ରହୁଥିବା ଲୋକମାନେ, ସ୍ଥାନ ଅଭାବରୁ ସଙ୍ଗରୋଧକୁ କଡାକଡି ଭାବରେ ପାଳନ କରିବାରେ ଅକ୍ଷମ ବସ୍ତିବାସିନ୍ଦା, ତଥା ଜନସାଧାରଣଙ୍କ ମଧ୍ୟରେ ବିକ୍ଷିପ୍ତ ଭାବରେ ଏ ପରୀକ୍ଷଣ କରାଗଲେ , ରୋଗର ବ୍ୟାପ୍ତି ବିଷୟରେ ଏକ ମୋଟାମୋଟି ଆକଳନ କରାଯାଇପାରିବ ।

**ପ୍ରଶ୍ନ ୯. ଭିନ୍ନ ଭିନ୍ନ ସ୍ଥାନ ଓ ସ୍ତରରୁ ନିର୍ବାଚିତ ଜନସମୁଦାୟଙ୍କ ବ୍ୟତୀତ ଏହି ପରୀକ୍ଷଣରେ ଅନ୍ୟ କେଉଁମାନେ ଅନ୍ତର୍ଭୁକ୍ତ ?**
**ଉତ୍ତର:** ଗୁରୁତର ଶ୍ୱାସଜନିତ ସଂକ୍ରମଣ ଓ ଇନଫ୍ଲୁଏଞ୍ଜା ଭଳି ରୋଗରେ ପୀଡିତ ଲୋକମାନଙ୍କର ରକ୍ତନମୁନା ମଧ୍ୟ ଏ ପରୀକ୍ଷା ପାଇଁ ସଂଗୃହିତ ହୋଇଥାଏ ।

**ପ୍ରଶ୍ନ ୧୦.ଭୁବନେଶ୍ୱରର କେଉଁ ଜନସମୁଦାୟଙ୍କର ରକ୍ତ ପରୀକ୍ଷଣ ହେବ , ତାହା କିଏ ନିର୍ଦ୍ଧାରଣ କରିଥାଏ ?**
**ଉତ୍ତର:** ଭୁବନେଶ୍ବର ମହାନଗର ନିଗମ ହିଁ ସ୍ୱାସ୍ଥ୍ୟ ବିଭାଗର ବିଶେଷଜ୍ଞ ମାନଙ୍କର ପରାମର୍ଶ କ୍ରମେ ଉପଯୁକ୍ତ ବିଧାନ ସହ ରକ୍ତ ପରୀକ୍ଷଣ କରାଯିବାକୁ ଥିବା ଜନସଂଖ୍ୟା ସ୍ଥିର କରିଥାଏ ।

**ପ୍ରଶ୍ନ ୧୧. ପରୀକ୍ଷଣରୁ ପ୍ରତିରୋଧକ ପ୍ରତିପିଣ୍ଡର ଉପସ୍ଥିତିର ପ୍ରମାଣ ମିଳିବା ପରେ କଣ କରାଯାଏ ?**
**ଉତ୍ତର:** ଫଳାଫଳ ବାବଦରେ ସୁନିଶ୍ଚିତ ହେବାପାଇଁ ସେହିମାନଙ୍କଠାରୁ ଲାଳ-ନମୁନା ସଂଗ୍ରହ କରାଯାଇ ପୁନଃପରୀକ୍ଷଣ (RT-PCR) ନିମନ୍ତେ ପଠାଯାଇଥାଏ ।

ପ୍ରଶ୍ନ ୧୨. ପ୍ରତିରୋଧକ - ପ୍ରତିପିଣ୍ଡର ପରୀକ୍ଷଣରୁ ଜଣେ ବ୍ୟକ୍ତି କୋଭିଡ଼- ୧୯ରେ ପୀଡିତ ବୋଲି ସୁନିଶ୍ଚିତ ଭାବରେ କୁହାଯାଇପାରିବ କି ?
ଉତ୍ତର: ନା, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଓ ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ (ICMR) ର ମାର୍ଗନିର୍ଦ୍ଦେଶ ଅନୁଯାୟୀ କେବଳ RT-PCR ପରୀକ୍ଷଣରୁ ହିଁ କୋଭିଡ-୧ ୯ ର ସଂକ୍ରମଣ ନିରୂପଣ କରାଯାଇଥାଏ ।

ପ୍ରଶ୍ନ ୧୩. ଶରୀରରେ କରୋନା ପ୍ରତିରୋଧକ – ପ୍ରତିପିଣ୍ଡ ଥିବା ବ୍ୟକ୍ତିମାନେ ଭବିଷ୍ୟତରେ କୋଭିଡ଼- ୧୯ରେ ଆକ୍ରାନ୍ତ ଲୋକମାନଙ୍କର ଚିକିତ୍ସା କ୍ଷେତ୍ରରେ ସହାୟକ ହୋଇପାରିବେ କି ?
ଉତ୍ତର: ଏହା ଅଦ୍ୟାବଧି ଗବେଷଣା ସାପେକ୍ଷ । କରୋନା ପ୍ରତିରୋଧକ – ପ୍ରତିପିଣ୍ଡଧାରୀ ବ୍ୟକ୍ତିମାନଙ୍କଠାରୁ ପ୍ଲାଜ୍ମା ସଂଗ୍ରହ କରାଯାଇ କୋଭିଡ଼- ୧୯ରେ ଆକ୍ରାନ୍ତ ମାନଙ୍କର ଚିକିତ୍ସା ନିମନ୍ତେ ଯେଉଁ ନିୟମାବଳୀ ଅନୁସରଣ କରାଯିବା ଆବଶ୍ୟକ, ତାହା ଏ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନାହିଁ ।

ପ୍ରଶ୍ନ ୧୪. ଯେଉଁମାନଙ୍କ ଶରୀରରେ କରୋନା ପ୍ରତିରୋଧକ – ପ୍ରତିପିଣ୍ଡ ଚିହ୍ନଟ କରାଯାଇଛି, ଭବିଷ୍ୟତରେ ସେମାନେ କୋଭିଡ଼- ୧୯ରେ ଆକ୍ରାନ୍ତ ହେବାରୁ ମୁକ୍ତ କି?
ଉତ୍ତର: ଏହା ଭବିଷ୍ୟତରେ ଗବେଷଣାସାପେକ୍ଷ ।

ପ୍ରଶ୍ନ ୧୫. ଏହି ପରୀକ୍ଷଣ ପାଇଁ ସାଧାରଣ ଲୋକେ କାହା ସହିତ ଯୋଗାଯୋଗ କରିବା ଆବଶ୍ୟକ ?
ଉତ୍ତର: ସହରର ବାସିନ୍ଦାମାନେ ନିଜ ଅଞ୍ଚଳର 'ନିବାସୀ କଲ୍ୟାଣ ସଂଗଠନ' ଏବଂ ଅନ୍ୟାନ୍ୟ ଅଞ୍ଚଳବାସୀ ନିକଟସ୍ଥ ସ୍ୱାସ୍ଥ୍ୟ ସହାୟିକା, ଆଶା କର୍ମୀ ଅଥବା ୱାର୍ଡ ଅଧିକାରୀ ମାନଙ୍କ ସହ ଯୋଗାଯୋଗ କରିପାରିବେ ।

ପ୍ରଶ୍ନ ୧୬. ଏହି କ୍ଷିପ୍ର-ପରୀକ୍ଷଣ ଥଳି ଆମ ରାଜ୍ୟକୁ କେଉଁଠାରୁ ଆସିଛି ?
ଉତ୍ତର: ଏହି କ୍ଷିପ୍ର-ପରୀକ୍ଷଣ ଥଳି ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ (ICMR)ମାଧ୍ୟମରେ ଓଡିଶାକୁ ଦିଆଯାଇଛି।

ପ୍ରଶ୍ନ ୧୭. ପ୍ରଥମ ପର୍ଯ୍ୟାୟରେ କେତୋଟି କ୍ଷିପ୍ର-ପରୀକ୍ଷଣ ଥଳି ଓଡିଶା ସରକାରଙ୍କୁ ଯୋଗାଇ ଦିଆଯାଇଛି ?
ଉତ୍ତର: ପ୍ରଥମ ପର୍ଯ୍ୟାୟରେ ଓଡିଶାକୁ ୬୦୦୦ ଥଳି ICMR ଯୋଗାଇ ଦେଇଛନ୍ତି ।

ସମାପ୍ତି:
ଭୁବନେଶ୍ୱରରେ ହୋଉଥିବା କୋଭିଡ଼-୧୯ ସମ୍ବନ୍ଧୀୟ ଏକ ସେରୋଲୋଜିକାଲ ଆଣ୍ଟିବଡ଼ି ପରୀକ୍ଷା ରୋଗର ବ୍ୟାପକତା ଉପରେ ସତର୍କ ନଜର ରଖିବାରେ ସାହାଯ୍ୟ କରିବ। ପ୍ରତିରୋଧକ-ପ୍ରତିପିଣ୍ଡଧାରୀ ବ୍ୟକ୍ତିଙ୍କର ରକ୍ତକଣିକାରୁ କୋଭିଡ଼-୧୯ର ଚିକିତ୍ସା ହୋଇ ପାରିବ କି ନାହିଁ ସେଥିପାଇଁ ଅଦ୍ୟାବଧି ଗବେଷଣା ହୋଇନାହିଁ। ଏହି କ୍ଷିପ୍ର ପରୀକ୍ଷଣରୁ କୋଭିଡ଼-୧୯ ରୋଗ ଚିହ୍ନଟ କରି ହେବ ନାହିଁ।

-0-X-0-




Nabakrushna Choudhury Centre for Development Studies (NCDS)
(an Indian Council of Social Science Research (ICSSR) institute
in collaboration with Government of Odisha)
Bhubaneswar-751013, Odisha, India

Phone: +91-674-2301094
Email: ncds_bbsr@dataone.in
Web: ncds.nic.in
Facebook: @ncdsbhubaneswar
Twitter: @ncds_bbsr
Google Maps: NCDS Bhubaneswar